## ସବୁଦିନ ଚାଲିବ ଭୁବନେଶ୍ୱର-ବଲାଙ୍ଗୀର-ଭୁବନେଶ୍ୱର ଇଣ୍ଟରସିଟି ସ୍ୱତନ୍ତ୍ର ଏକ୍ସପ୍ରେସ

ଭୁବନେଶ୍ୱର(ବ୍ୟୁରୋ): ଭୁବନେଶ୍ୱର-ବଲାଙ୍ଗୀର-ଭୁବନେଶ୍ୱର ଇଣ୍ଟର ସିଟି ସ୍ୱତନ୍ତ୍ର ଏକ୍ସପ୍ରେସ ଶୁକ୍ରବାରଠାରୁ ସପ୍ତାହରେ ୫ଦିନ ପରିବର୍ତ୍ତେ ସବୁଦିନ ଚଳାଚଳ କରିବ। ଏ ନେଇ ପୂର୍ବତଟ ରେଳପଥ ନିଷ୍ପତ୍ତି ନେଇଛି। ଏହି ଟ୍ରେନ ଭୁବନେଶ୍ୱରରୁ ସକାଳ ୬ଟା ୩୦ରେ ଓ ବଲାଙ୍ଗୀରଠାରୁ ଅପରାହ୍ନ ୨ଟା ୪୫ରେ ଛାଡୁଛି। ତେବେ ଭୁବନେଶ୍ୱର ଓ ବଲାଙ୍ଗୀର ମଧ୍ୟରେ ଏହି ଟ୍ରେନ୍ ମଞ୍ଚେଶ୍ୱର, ନରାଜ ମାର୍ଥାପୁର, ଢେଙ୍କାନାଳ, ମେରାମଣ୍ଡଳୀ, ତାଳଚେର ରୋଡ୍, ଅନୁଗୋଳ, ବଇଣ୍ଡା, ବେମୁର, ରେଢ଼ାଖୋଲ, ସମ୍ବଲପୁର, ହୀରାକୁଦ, ବରଗଡ଼ ରୋଡ୍, ବରପାଲି ଏବଂ ଲୋଇସିଙ୍ଗାଠାରେ ଉଭୟ ଦିଗରୁ ରହଣି କରିବ।

# ‘ସାଇକୋ ଲେଡି’ ପ୍ରସଙ୍ଗରେ ମୁହଁ ଖୋଲିଲେ ଯୁବତୀ

## ମାନବପ୍ରେମୀ ଆଦିତ୍ୟ ମୃତ୍ୟୁ ମାମଲା

- କହିଲେ ଆଦିତ୍ୟଙ୍କ ସହ ମୋର ପ୍ରେମ ସମ୍ପର୍କ ଥିଲା
- ଦୋଷୀଙ୍କୁ ଫାଶୀ ଦେବାକୁ ଆଦିତ୍ୟଙ୍କ ମା’ଙ୍କ ଦାବି

ଭୁବନେଶ୍ୱର,୩।୯ (ବ୍ୟୁରୋ)

ମାନବପ୍ରେମୀ ଆଦିତ୍ୟ ମୃତ୍ୟୁ ଘଟଣାକୁ ଇତିମଧ୍ୟରେ ୨ମାସ ପାଖାପାଖି ବିତିବାକୁ ବସିଲାଣି। ଜିଆର୍‌ପି ପରେ ମାସେ ହେବ କ୍ରାଇମବ୍ରାଞ୍ଚ ତଦନ୍ତ କରୁଥିଲେ ମଧ୍ୟ କିଛି ବି ସୁରାକ ମିଳିପାରୁନି। ଏଭଳିସ୍ଥଳେ ବର୍ତ୍ତମାନ ଆଦିତ୍ୟଙ୍କ ମୃତ୍ୟୁ ପଛରେ ‘ସାଇକୋ ଲେଡି’ ଙ୍କ ହାତ ରହିଥିବା ହଠାତ୍ ବଡ଼ ଅଭିଯୋଗ ଉଠିଛି। ଆଦିତ୍ୟଙ୍କ ସ୍ତ୍ରୀ ବିଦ୍ୟାଶ୍ରୀଙ୍କ ସମେତ ବାପା, ମା’ ଓ ସାମାଜିକ କର୍ମୀମାନେ ଏହି ପ୍ରସଙ୍ଗ ଉଠାଇ ହାଇକୋର୍ଟଙ୍କଠାରୁ ଆରମ୍ଭ କରି ରାଜ୍ୟପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପ୍ରଥମେ ବିଦ୍ୟାଶ୍ରୀ ଓ ଆଦିତ୍ୟଙ୍କ ସହଯୋଗୀ ବିକାଶ, ପପୁ ଏବଂ ଦୀପକ ପରସ୍ପର ଉପରେ ଦୋଷ ଲଦାଲଦି ହୋଇଥିଲେ। ଏହାମଧ୍ୟରେ ଅନେକ ପ୍ରସଙ୍ଗ ମଧ୍ୟ ସାମ୍ନାକୁ ଆସିଥିଲା। ଘଟଣାର ଏତେଦିନ ପରେ ହଠାତ୍ ଏବେ ‘ସାଇକୋ ଲେଡି’ ପ୍ରସଙ୍ଗ ପୂରା ଘଟଣାକୁ ଭିନ୍ନ ମୋଡ଼ ଦେବାରେ ଲାଗିଛି। ଏପରିସ୍ଥଳେ ବାଲେଶ୍ୱରର ଚିନ୍ମୟୀ ମହାପାତ୍ର ନାମକ ଜଣେ ଯୁବତୀ ଗଣମାଧ୍ୟମ ସମ୍ମୁଖକୁ ଆସି ବୟାନ ଦେଇଛନ୍ତି। ତାଙ୍କୁ ସାଇକୋ ଲେଡିର ଆଖ୍ୟା ଦିଆଯାଇ ଆଦିତ୍ୟଙ୍କ ମୃତ୍ୟୁ ସହ ଯୋଡ଼ାଯାଉଥିବାରୁ ସେ ମର୍ମାହତ ଥିବା କହିଛନ୍ତ। ମୋର ସେମିତି କିଛି ସମସ୍ୟା ନାହିଁ ଯେ, ଯେଉଁଥିପାଇଁ ମୋତେ ସାଇକୋ ଲେଡି କୁହାଯିବ। ମୋତେ ମିଛଟାରେ ଯେଉଁ ବଦନାମ କରିବାକୁ



ମୃତ ଆଦିତ୍ୟ ଦାଶ। ଚିନ୍ମୟୀ ମହାପାତ୍ର

ଚେଷ୍ଟା କରାଯାଉଛି ସେନେଇ ଆଇନର ଆଶ୍ରୟ ନେବି ବୋଲି କହିଛନ୍ତି ଚିନ୍ମୟୀ। ସେ କହିଛନ୍ତି, ଆଦିତ୍ୟଙ୍କ ସହ ଫେସ୍‌ବୁକ୍‌ରୁ ତାଙ୍କର ପବିତ୍ର ପ୍ରେମ ସମ୍ପର୍କ ରହିଥିଲା, କିନ୍ତୁ ଏକତରଫା ନ ଥିଲା। ଏହି ସମ୍ପର୍କ ୪ରୁ ୫ ମାସ ଧରି ଚାଲିଥିଲା। ତେବେ ବାପାଙ୍କର ନିକଟରେ ମୃତ୍ୟୁ ଘଟିଥିବାରୁ ପରିବାର ଲୋକେ ଏତେ ଶୀଘ୍ର ବିବାହ ପାଇଁ ରାଜି ନ ଥିଲେ। ଭୁବନେଶ୍ୱରରେ ଥିବା ସମ୍ପର୍କୀୟଙ୍କ ଘରକୁ ଯାଇଥିବାବେଳେ ୨ଥର ଆଦିତ୍ୟଙ୍କ ଆଶ୍ରମକୁ ଯାଇ ତାଙ୍କୁ ଭେଟିଥିଲି। ବିଦ୍ୟାଶ୍ରୀଙ୍କ ସହ ପ୍ରେମ ପୂର୍ବରୁ ଆଦିତ୍ୟ ମୋ ସହ ପ୍ରେମ ସମ୍ପର୍କରେ ଥିଲେ। ମୁଁ ବିବାହ ପାଇଁ ରାଜି ଥିଲି, ହେଲେ କିଛି ସମସ୍ୟା ପାଇଁ ଆମେ ଅଲଗା ହୋଇଯାଇଥିଲୁ। କିନ୍ତୁ ମାର୍ଚ୍ଚ ୫ରେ ମୁଁ ଆଦିତ୍ୟ ଜନ୍ମଦିନ ପାଇଁ ତାଙ୍କୁ ଶେଷଥର ଫୋନ୍ କରିଥିଲି। ଏହାପୂର୍ବରୁ ଜାନୁୟାରୀରେ ଆଦିତ୍ୟ ତାଙ୍କୁ କହିଥିଲେ ଯେ, ସେ ମଦ ବିରୋଧୀ ଆନ୍ଦୋଳନ କରୁଥିବାରୁ ତାଙ୍କର କିଛି ବି ହୋଇଯାଇପାରେ। ତେଣୁ ତାଙ୍କୁ ସେଥିରୁ ଦୂରେଇ ଯିବାକୁ କହିଥିଲି। ଏହାପରେ ଆଦିତ୍ୟଙ୍କୁ ବହୁଥର ଫୋନ୍ କରିଥିଲେ ମଧ୍ୟ ସେ ଆଉ ଉଠାଇ ନ ଥିଲେ। ତେବେ ହଠାତ ଜାନୁୟାରୀ ୧୨ରେ ଆଦିତ୍ୟ ଫୋନ୍ ଉଠାଇ ଅନ୍ୟ ଜଣକ ସହ ତାଙ୍କର ପ୍ରେମ ସମ୍ପର୍କ ରହିଥିବା ଜଣାଇ ପରବର୍ତ୍ତୀ ସମୟରେ ପୂରା ଆଭଏଡ୍ କରିଥିଲେ। ତେବେ ଆଦିତ୍ୟଙ୍କୁ ହତ୍ୟା କରାଯାଇଥିବା ନେଇ ଚିନ୍ମୟୀ କହିଛନ୍ତି। କୌଣସି ତଦନ୍ତକାରୀ ସଂସ୍ଥା ତାଙ୍କ ସହ ଯୋଗାଯୋଗ କରି ନାହାନ୍ତି। କେବଳ ବିସ୍ମୟ ଦାଶ ନାମକ ବ୍ୟକ୍ତି ଫୋନ୍ କରି କ୍ରାଇମ୍‌ବ୍ରାଞ୍ଚରୁ କହୁଥିବା କହିଥିଲେ। କ୍ରାଇମ୍‌ବ୍ରାଞ୍ଚ ଚାହିଁଲେ ସେ ସବୁ ତଦନ୍ତରେ ସହଯୋଗ କରିବେ। ସତ କ’ଣ ସାମ୍ନାକୁ ଆସିବା ଦରକାର। ଆଦିତ୍ୟକୁ ନ୍ୟାୟ ମିଳିବା ଦରକାର। ଅତୀତକୁ ନେଇ ଅଧିକ ଘଣ୍ଟାଚକଟା କରା ନ ଯାଉ ବୋଲି ଚିନ୍ମୟୀ କହିଛନ୍ତି।

ଏପଟେ ଆଦିତ୍ୟଙ୍କ ବାପାଙ୍କ ପରେ ଗୁରୁବାର ମା’ ମଧ୍ୟ ଗଣମାଧ୍ୟମକୁ ସାଇକୋ ଲେଡି ପ୍ରସଙ୍ଗରେ କହିଛନ୍ତି। ସେହି ରହସ୍ୟମୟୀ ଯୁବତୀଜଣକ ଫୋନ୍ କରି ବାରମ୍ବାର ଆଦିତ୍ୟଙ୍କୁ ଧମକ ଦେଉଥିଲେ। ତାଙ୍କୁ ବାହା ନ ହେଲେ ସେ ମରିଯିବେ ବୋଲି କହୁଥିଲେ। ଏପରି କି ବିଦ୍ୟାଶ୍ରୀଙ୍କ ସହ ଆଦିତ୍ୟଙ୍କ ନିର୍ବନ୍ଧ ପରେ ଓ ବାହାଘରର ୧୨ଦିନ ପୂର୍ବରୁ ଧମକ ଆସିଥିଲା। ଠିକ୍ ସମୟରେ ଲୋକେ ଯାଇ ଉଚିତ ଜବାବ ଦେବେ ବୋଲି ଯୁବତୀ ଜଣକ କହିଥିଲେ। ଏପରି କି ଟିକ୍‌ଟକ୍‌ରେ ଭିଡିଓ କରି ଆଦିତ୍ୟଙ୍କୁ ଧମକ ଦେଉଥିଲେ। ଧମକର ଅଡିଓ ଓ ଭିଡିଓ କ୍ରାଇମ୍‌ବ୍ରାଞ୍ଚକୁ ଦିଆଯାଇଛି। ଦୋଷୀଙ୍କୁ ଫାଶୀ ଦିଆଯାଉ ବୋଲି ତାଙ୍କ ମା’କହିଛନ୍ତି।

ବିଦ୍ୟାଶ୍ରୀ କହିଛନ୍ତି, ଉକ୍ତ ଯୁବତୀଙ୍କର ସାଇକୋ ସମସ୍ୟା ପାଇଁ ଆଦିତ୍ୟଙ୍କ ସହ ତାଙ୍କ ସମ୍ପର୍କର ବ୍ରେକ୍‌ଅପ୍ ହୋଇଥିଲା। କଥା କଥାକେ ହାତ କାଟିଦେବି, ଗୋଡ଼ କାଟିଦେବି ବୋଲି କହୁଥିଲେ। ଆଦିତ୍ୟଙ୍କୁ ଫ୍ୟାନ୍ ଓ ଫଲୋୟରଙ୍କ ସହ ଦେଖିଲେ ସେ ସହିପାରୁ ନ ଥିଲେ। ଏନେଇ ଆଦିତ୍ୟ ତାଙ୍କୁ ଓ ପରିବାର ଲୋକଙ୍କୁ ସେହି ଯୁବତୀଙ୍କ କଥା କହିଥିଲେ ବୋଲି ବିଦ୍ୟାଶ୍ରୀ କହିଛନ୍ତି।

### ତଦନ୍ତ ବାଟବଣା ପାଇଁ ପ୍ରଚ୍ଛଦପଟ ଉଦ୍ୟମ

ଆଦିତ୍ୟ ଦାଶ ମୃତ୍ୟୁ ମାମଲା ଦିନକୁ ଦିନ ରହସ୍ୟମୟ ହେବାରେ ଲାଗିଛି। ମାମଲାର ତଦନ୍ତ କରୁଥିବା କ୍ରାଇମ୍‌ବ୍ରାଞ୍ଚ ମଧ୍ୟ ଧୀରେ ଧୀରେ ଅଡୁଆ ସୂତାରେ ଛନ୍ଦି ହୋଇଯାଉଛି। କେହି ଜଣେ ପ୍ରଚ୍ଛଦପଟରେ ରହି ଗୋଟି ଚାଳନା କରୁଛି। ଗୋଟିକ ପରେ ଗୋଟିଏ ଇସ୍ୟୁ ସୃଷ୍ଟି କରି ତଦନ୍ତକୁ ବାଟବଣା କରିବାକୁ ଉଦ୍ୟମ କରୁଛି। ସେ ହିଁ ଆଦିତ୍ୟ ମୃତ୍ୟୁର ଅସଲ ଖଳନାୟକ ବୋଲି ଚର୍ଚ୍ଚା ହେଉଛି। କ୍ରାଇମ୍‌ବ୍ରାଞ୍ଚ ହତ୍ୟାର ପର୍ଦ୍ଦାଫାଶ କରି ହତ୍ୟାକାରୀଙ୍କୁ ଗିରଫ କରୁ ବୋଲି କେତେକ ସୋସିଆଲ ମିଡିଆରେ ଆଦିତ୍ୟଙ୍କ ସମର୍ଥକମାନେ ଦାବି କରିଛନ୍ତି।

## ସଂକ୍ଷେପରେ

### ଏସ୍‌ସିବିର ଏମ୍ସ ପ୍ଲସ ନକ୍ସା ପ୍ରସ୍ତୁତି କାର୍ଯ୍ୟକ୍ରମ ଆରମ୍ଭ

କଟକ ଅଫିସ,୩।୯: ଏସ୍‌ସିବି ମେଡିକାଲକୁ ଏମ୍ସ ପ୍ଲସ କରିବା ପାଇଁ ଗତ ଫେବୃୟାରୀରେ ଯୋଜନା ଆରମ୍ଭ ହୋଇଥିଲା। ଏଥିପାଇଁ ମାର୍ଚ୍ଚ ମାସରେ ଉଚ୍ଛେଦ ଓ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଥିଲା। ପରେ ଏହି କାମ କିଛି ମାତ୍ରାରେ କରୋନା ଲାଗି ଧିମେଇ ଯାଇଥିଲା। ଫଳରେ ଏହି ପ୍ରସ୍ତାବିତ ହସ୍ପିଟାଲର ନକ୍ସା ପ୍ରସ୍ତୁତ ହୋଇପାରି ନ ଥିଲା। ନକ୍ସା ପ୍ରସ୍ତୁତି କାମ ଗୁରୁଗ୍ରାମର ଏକ କମ୍ପାନୀକୁ ଦିଆଯାଇଛି। ତେଣୁ ଏହି କମ୍ପାନୀର ଏକ ପ୍ରତିନିଧି ଦଳ ବୁଧବାର କଟକରେ ପହଞ୍ଚିଥିଲା। ଏବେ ଉକ୍ତ ଟିମ୍ ହସ୍ପିଟାଲର ବିଭିନ୍ନ ବିଭାଗ ସହ ଆଲୋଚନା କରି ଏକ ଡ୍ରାଫ୍ଟ ନକ୍ସା ତିଆରି କରିବ। ଏହି ପ୍ରକ୍ରିୟା ଦୀର୍ଘଦିନ ଧରି ଚାଲିବ ବୋଲି ହସ୍ପିଟାଲ ସୂତ୍ରରୁ ଜଣାପଡିଛି। ଡ୍ରାଫ୍ଟ ନକ୍ସା ପ୍ରସ୍ତୁତି ସରିବା ପରେ ସରକାରଙ୍କ ପାଖକୁ ଅନୁମୋଦନ ନିମନ୍ତେ ପଠାଯିବ। ପରେ ହସ୍ପିଟାଲ ନିର୍ମାଣ ପାଇଁ ଟେଣ୍ଡର ବିଜ୍ଞପ୍ତି ଜାରିହେବ ବୋଲି ଜଣାପଡିଛି।

### କାଳିଆ ଆବେଦନ ଖୋଲାଥିବା କହି ଚାଷୀଙ୍କୁ ଭୁଆଁ ବୁଲାଉଛନ୍ତି ସରକାର

ଭୁବନେଶ୍ୱର,୩।୯(ବ୍ୟୁରୋ):କାଳିଆ ଯୋଜନାକୁ ନେଇ ସରକାର ରାଜ୍ୟବାସୀଙ୍କୁ ଅନେକ ମିଛ କହିଛନ୍ତି। ୨୦୧୯ ନିର୍ବାଚନ ଜିତିବା ପରଦିନ କାଳିଆ ଅର୍ଥ ଦେବେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ। କିନ୍ତୁ ଯୋଗ୍ୟ ଚାଷୀଙ୍କୁ ଏଯାବତ୍ କାଳିଆ ଅର୍ଥ ପ୍ରଦାନ ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଆଉ ଏବେ ବାହୁସ୍ଫୋଟ ମାରିବାକୁ କାଳିଆ ପାଇଁ ଆବେଦନ ଖୋଲା ଅଛି କହି ରାଜ୍ୟବାସୀଙ୍କୁ ଭୁଆଁ ବୁଲାଇବାକୁ ସରକାର ଷଡଯନ୍ତ୍ର କରୁଥିବା ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ ଏବଂ ପ୍ରଦୀପ ପୁରୋହିତ ଅଭିଯୋଗ କରିଛନ୍ତି।

ଉଭୟ ନେତା ଏହି ପ୍ରସଙ୍ଗରେ କହିଛନ୍ତି ଯେ, ଗତ ସାଧାରଣ ନିର୍ବାଚନରେ ରାଜ୍ୟ ସରକାର କାଳିଆ ଯୋଜନାରେ ୭୨ ଲକ୍ଷ ଚାଷୀଙ୍କୁ ସହାୟତା ପ୍ରଦାନ କରାଯିବାର ତତ୍କାଳୀନ କୃଷିମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି କୁଆଡେ ଗଲା। ପ୍ରଧାନମନ୍ତ୍ରୀ କିଷାନ ନିଧି ଯୋଜନାର ପ୍ରଥମ କିସ୍ତିରେ ୩୧ ଲକ୍ଷ ଚାଷୀଙ୍କ ତାଲିକା ରାଜ୍ୟ ସରକାର କେନ୍ଦ୍ରକୁ ପ୍ରଦାନ କରିଥିବାବେଳେ ତାହା ବର୍ତ୍ତମାନ ଷଷ୍ଠ କିସ୍ତିରେ ୯ ଲକ୍ଷ ହିତାଧିକାରୀରେ ପହଞ୍ଚିଛି। ରାଜ୍ୟ ସରକାର କାଳିଆ ଯୋଜନାକୁ ଚଲାଇ ନ ପାରିବାରୁ ପିଏମ୍ କିଷାନ ନିଧି ଯୋଜନାରେ କାଳିଆ ଯୋଜନାକୁ ସାମିଲ କରିଛନ୍ତି। ପ୍ରତି କିସ୍ତିରେ ପିଏମ୍ କିଷାନ ନିଧି ଯୋଜନାରେ ହିତାଧିକାରୀଙ୍କ ସଂଖ୍ୟା କାହିଁକି ହ୍ରାସ ପାଉଛି। ରାଜ୍ୟବାସୀଙ୍କୁ ମନ୍ତ୍ରୀ ଓ ନେତା ମିଥ୍ୟା କହୁଛନ୍ତି। ସରକାର ୩୦ ଦିନ ଭିତରେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ପଞ୍ଜୀକୃତ କରି ତୁରନ୍ତ କେନ୍ଦ୍ରକୁ ତାଲିକା ପ୍ରଦାନ କରନ୍ତୁ ବୋଲି ପୃଥ୍ୱୀରାଜ ଦାବି କରିଛନ୍ତି।

## ଜୟଦେବ ପୁରସ୍କାର ଅର୍ଥ ରାଶି ବଢ଼ାଇବାକୁ ଦାବି

ଭୁବନେଶ୍ୱର(ବ୍ୟୁରୋ),୩।୯: ରାଜ୍ୟ ସରକାରଙ୍କ ଐତିହ୍ୟ କ୍ୟାବିନେଟ୍ ବୈଠକରେ ସାହିତ୍ୟ ଏକାଡେମୀ, ସଙ୍ଗୀତ ନାଟକ ଏକାଡେମୀ, ଲଳିତକଳା ଏକାଡେମୀର ସର୍ବୋଚ୍ଚ ପୁରସ୍କାର ରାଶି ପରିମାଣ ୧ଲକ୍ଷରୁ ୫ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଏକାଡେମୀଗୁଡିକର ପୁରସ୍କାର ବାବଦ ଅର୍ଥ ୫୦ହଜାରରୁ ୨ଲକ୍ଷ ଟଙ୍କାକୁ ବଢାଇବାକୁ ନିଷ୍ପତ୍ତି ହୋଇଛି। ସରକାରଙ୍କ ଏହି ନିଷ୍ପତ୍ତିକୁ ଓଡ଼ିଶା ସିନେକ୍ରିଟିକ୍ ଆସୋସିଏଶନ ସ୍ୱାଗତ କରିଥିବାବେଳେ ରାଜ୍ୟ ସରକାରଙ୍କ ସର୍ବୋଚ୍ଚ ଚଳଚ୍ଚିତ୍ର ସମ୍ମାନ ‘ଜୟଦେବ ପୁରସ୍କାର’ ବାବଦ ଅର୍ଥରାଶି ୧ଲକ୍ଷରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଁ ଦାବି କରାଯାଇଛି। ସଂଘ ସଭାପତି ପ୍ରଦୋଷ ପଟ୍ଟନାୟକ ଓ ସମ୍ପାଦକ ଦିଲୀପ ହାଲି କହିଛନ୍ତି, ୧୯୮୧ରେ ସ୍ୱର୍ଗତ କୃଷ୍ଣଚନ୍ଦ୍ର ତ୍ରିପାଠୀଶର୍ମାଙ୍କୁ ପ୍ରଥମ ‘ଜୟଦେବ ପୁରସ୍କାର’ ପ୍ରଦାନ ସମୟରେ ପୁରସ୍କାର ପରିମାଣ ୨୦ହଜାର ଟଙ୍କା ଧାର୍ଯ୍ୟ ହୋଇଥିଲା। ପରବର୍ତ୍ତୀ ସମୟରେ ଏହା ବୃଦ୍ଧି ପାଇ ୨୫ହଜାର, ୫୦ହଜାର ଓ ୨୦୧୪ରୁ ୧ଲକ୍ଷ ଟଙ୍କା ଧାର୍ଯ୍ୟ ହୋଇଛି। ଏବେ ସରକାର ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର, କବି ସମ୍ରାଟ ଉପେନ୍ଦ୍ରଭଞ୍ଜ ପୁରସ୍କାର ଓ ଧର୍ମପଦ ପୁରସ୍କାର ବାବଦ ଅର୍ଥରାଶି ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଥିବାବେଳେ ‘ଜୟଦେବ ପୁରସ୍କାର’ ପରିମାଣ ନ ବଢାଇବା ଦୁର୍ଭାଗ୍ୟର ବିଷୟ। ସଂସ୍କୃତି ବିଭାଗ ଏ ଦିଗରେ ପଦକ୍ଷେପ ନେବାକୁ ସଂଘ ଦାବି କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛି।

# ଭାଜପାର ଡିଜିଟାଲ ଦସ୍ତଖତ ଅଭିଯାନ

## ବଗଲା ଜମି ବିବାଦ

- ପ୍ରତିବାଦ ପାଇଁ ସ୍ୱତନ୍ତ୍ର ଆପ୍ ଉନ୍ମୋଚନ

ପୁରୀ ଅଫିସ, ୩।୯

ବଗଲା ଧର୍ମଶାଳା ଜମି ବିବାଦ ତୀବ୍ର ହେବାରେ ଲାଗିଛି। ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରି ଭାଜପା ପକ୍ଷରୁ ୧୪ଦିନ ହେଲା ଧର୍ମଶାଳା ସମ୍ମୁଖରେ ଧାରଣା ଚାଲିଥିବାବେଳେ ଡିଜିଟାଲ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଛି। ଏ ନେଇ ଗୁରୁବାର ୩ଟି ଭାଷା (ଓଡ଼ିଆ, ହିନ୍ଦୀ ଓ ଇଂଲିଶ)ର ଏକ ସ୍ୱତନ୍ତ୍ର ଆପ୍ ଉନ୍ମୋଚନ କରାଯାଇଛି। ଧାରଣାସ୍ଥଳରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଏହି ଆପ୍‌କୁ ଉନ୍ମୋଚନ କରିଛନ୍ତି। ଏହା ମାଧ୍ୟମରେ ଲୋକେ ଅନ୍‌ଲାଇନ ପିଟିଶନ ଦାଖଲ କରିପାରିବେ ବୋଲି ଭାଜପା କହିଛି। ଉକ୍ତ ଆପ୍‌ରେ ଦର୍ଶାଯାଇଛି ଯେ, ବାବୁ କହ୍ନେୟାଲାଲ ନାମକ ବଦାନ୍ୟ ବ୍ୟକ୍ତି ତତ୍କାଳୀନ ସ୍ୱାସ୍ଥ୍ୟ କମିଶନଙ୍କୁ ଧର୍ମଶାଳା ତିଆରି ଉଦ୍ଦେଶ୍ୟରେ ୩୫ ହଜାର ଟଙ୍କା ଦାନ କରିଥିଲେ। ସେହି ଟଙ୍କାରେ ୧୯୦୫ ମସିହାରେ ୩ ଏକର ଜମିରେ ଏହି ଧର୍ମଶାଳା ତିଆରି ହୋଇଥିଲା। ଦୂରଦୂରାନ୍ତରୁ ଆସୁଥିବା ତୀର୍ଥଯାତ୍ରୀ ସ୍ୱଳ୍ପ ମୂଲ୍ୟ ଦେଇ ଏଠାରେ ରହୁଥିଲେ। ଏହାର ପୁନଃ ନିର୍ମାଣ ପାଇଁ କେନ୍ଦ୍ର ସରକାର ପ୍ରସାଦ ଯୋଜନାରେ ୨୦ କୋଟି ଟଙ୍କା ଦେଇଥିଲେ। ସମ୍ପୃକ୍ତ ଠିକାଦାର କାମ ଆରମ୍ଭ କରିଥିଲେ। ମାତ୍ର ରାଜ୍ୟ ସରକାର କାର୍ଯ୍ୟ ବନ୍ଦକରି ଧର୍ମଶାଳା ଜମି ବିକିବା ଆରମ୍ଭ କରିଛନ୍ତି। ଶ୍ରୀମନ୍ଦିର ଐତିହ୍ୟ କରିଡର ପାଇଁ ଜମି ହରାଇଥିବା ବ୍ୟକ୍ତିଙ୍କ ମଧ୍ୟରୁ ମାତ୍ର ୬ଜଣଙ୍କୁ ଧର୍ମଶାଳା ଜମି ମିଳିଛି। ବିଶ୍ୱର ଜଗନ୍ନାଥପ୍ରେମୀ ଏବଂ ଓଡ଼ିଆଙ୍କ ଭାବାବେଗକୁ ଏହା ଆଘାତ ଦେଇଛି। ସମ୍ପୃକ୍ତ ୬ଟି ଯାକ କବଲାକୁ ରଦ୍ଦ ଏବଂ ଧର୍ମଶାଳା ପୁନଃ ନିର୍ମାଣ କରିବା ପାଇଁ ଭାଜପା ପକ୍ଷରୁ ବଗଲା ବଞ୍ଚାଓ ଆନ୍ଦୋଳନ ଆରମ୍ଭ ହୋଇଛି। ଏଥିରେ ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ଡା. ସମ୍ବିତ୍ ପାତ୍ର ଯୋଗଦେଇ କହିଥିଲେ, ସୋସିଆଲ ମିଡିଆ ମାଧ୍ୟମରେ ବଗଲା ଧର୍ମଶାଳା ସୁରକ୍ଷା ପାଇଁ ଜନ ଭାବନା ସୃଷ୍ଟି କରାଯିବ। ସାରା ବିଶ୍ୱରେ ଥିବା ଜଗନ୍ନାଥପ୍ରେମୀ ନିଜ ଭାବନା ଜଣାଇ ପାରିବେ। ଉକ୍ତ କାର୍ଯ୍ୟକ୍ରମରେ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଭାଜପା ରାଜ୍ୟ ଉପସଭାନେତ୍ରୀ ପ୍ରଭାତି ପରିଡ଼ା, ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ପୁରୀ ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ ପ୍ରମୁଖ ସାମିଲ ଥିଲେ।





ସ୍ୱତନ୍ତ୍ର ଆପ୍‌କୁ ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର ଓ ରାଜ୍ୟ ସଭାପତି ସମୀର ମହାନ୍ତି ଉନ୍ମୋଚନ କରୁଛନ୍ତି।

### ‘ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ପଦକ୍ଷେପ ନିଆଯିବ’

ଜିଲାପାଳ ବଲଓ୍ୱନ୍ତ ସିଂ କହିଛନ୍ତି, ରାଜ୍ୟ ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ ପୁନର୍ବାସ ଯୋଜନାରେ ଯେଉଁମାନେ ବିସ୍ଥାପିତ ହୋଇଛନ୍ତି ସେମାନଙ୍କୁ ବଗଲାର ୧୨ ପ୍ରତିଶତ ଜମିରେ ଥଇଥାନ କରାଯାଇଛି। ସେଠାରେ ଆଉ କାହାକୁ ଥଇଥାନ କରାଯିବ ନାହିଁ। ବଳକା ଜାଗାରେ ଏବେ ଚାଲିଥିବା ମଧ୍ୟାହ୍ନ ଭୋଜନ ରୋଷେଇ ସେଠାରୁ ସ୍ଥାନାନ୍ତର ହେବ। ସେଠାରେ ଧର୍ମଶାଳା କିମ୍ବା ହସ୍ପିଟାଲ ଅବା ସ୍କୁଲ ହେବ ସେ ନେଇ ସରକାର ନିଷ୍ପତ୍ତି ନେବେ। କିନ୍ତୁ ଯାହା ହେବ ତାହା ନିଶ୍ଚିତ ଲୋକଙ୍କ ଭଲ ପାଇଁ ହେବ।

## ସମ୍ବିତଙ୍କୁ ପୁରୀ ବିରୋଧୀ କହିଲା ବିଜେଡି

ଭୁବନେଶ୍ୱର, ୩।୯(ବ୍ୟୁରୋ)

ବଗଲା ଧର୍ମଶାଳା ପ୍ରସଙ୍ଗରେ ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ଡା. ସମ୍ବିତ୍ ପାତ୍ରଙ୍କ ପ୍ରତିକ୍ରିୟା ଉପରେ ବିଜେଡି ପାଲଟା ଜବାବ ରଖିଛି। ଗୁରୁବାର ବିଜେଡି ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି, ଯେତେବେଳେ ଛତିଶଗଡ଼ରେ ଶାସନାଧୀନ ଭାଜପା ସରକାର ମହାନଦୀ ଜଳ ଅଟକାଉଥିଲେ, ଓଡ଼ିଶାକୁ ଆସିବାକୁ ଦେଉ ନ ଥିଲେ ସେତେବେଳେ ସେମାନେ ଅନ୍‌ଲାଇନ ପିଟିଶନ କାହିଁକି ଦାଖଲ କରୁ ନ ଥିଲେ। ଏବେ ପୁରୀର ହେରିଟେଜ ପ୍ରକଳ୍ପକୁ ରୋକିବାକୁ ଭାଜପା ଷଡଯନ୍ତ୍ର କରୁଛି। ରାଜ୍ୟବାସୀ ଏହାକୁ ଦୃଢ ବିରୋଧ କରିବେ। ସମ୍ବିତଙ୍କ ପ୍ରତିକ୍ରିୟାରୁ ଜଣାପଡୁଛି ସେ ପୁରୀ ବିରୋଧୀ। ସେ ପୁରୀର ବିକାଶ ଚାହାନ୍ତି ନାହିଁ। ଆଗକୁ ପୁରୀର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଯେଉଁ ହେରିଟେଜ ପ୍ରକଳ୍ପ ହେଉଛି ତାକୁ ରୋକିବାକୁ ସେ ପ୍ରୟାସ କରୁଛନ୍ତି। ଏହାଦ୍ୱାରା ସେ ପୁରୀବାସୀଙ୍କ ଭାବାବେଗ ସହ ଖେଳୁଛନ୍ତି। ଯେଉଁମାନେ ପୁରୀ ହେରିଟେଜ ପ୍ରକଳ୍ପ ଦେଖିବାକୁ ଚାହୁଁଥିବା ରାଜ୍ୟବାସୀଙ୍କୁ କଷ୍ଟ ଦେଉଛନ୍ତି, ସେମାନଙ୍କର ଏଭଳି ରାଜନୀତିକୁ ରାଜ୍ୟ ଓ ପୁରୀବାସୀ ଏବଂ ଅଗଣିତ ଜିଲାର ଶୁଭଚିନ୍ତକ କ୍ଷମା ଦେବେ ନାହିଁ।

## ୩ ମହଲାରୁ ଖସି ଯୁବକ ଗୁରୁତର

### ସିସିଟିଭି ଫୁଟେଜ୍‌ରେ ଘଟଣାବେଳର ଦୃଶ୍ୟ

ଭୁବନେଶ୍ୱର, ୩।୯(ବ୍ୟୁରୋ)



ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପୁରୀ ବାଇପାସ୍ ରୋଡ୍ ପ୍ରାଚୀବିହାର ନିକଟରେ ଥିବା ଏକ ୩ ମହଲା ଘରର ଛାତରୁ ଖସି ଯୁବକ ଖସି ପଡିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆହତ ଯୁବକ ଜଣକ ହେଲେ ପୁରୀ ଜିଲା କାକଟପୁର ବେଲାରିଝାଟିଆ ଗାଁର ନବଘନ ବାରିକ। ସେ ଜଣେ କଣ୍ଟ୍ରାକ୍ଟର ଅଧୀନରେ ରହି କାମ କରନ୍ତି। କିଛିଦିନ ତଳେ ସେ ଗାଁରୁ ଆସି ପ୍ରାଚୀବିହାରସ୍ଥିତ ଉକ୍ତ ଘରେ ଭଡାରେ ରହୁଥିଲେ। ସନ୍ଧ୍ୟାରେ ସେ ୩ ମହଲା ଛାତ ଉପରେ ବୁଲାବୁଲି କରୁଥିବାବେଳେ ଅସାବଧାନତା ବଶତଃ ଖସି ପଡିଥିବା ଅନୁମାନ କରାଯାଉଛି। ତାଙ୍କର ଅବସ୍ଥା ଏବେବି ବିପଦପୂର୍ଣ୍ଣ ରହିଥିବା ଡାକ୍ତର କହିଛନ୍ତି। ତେବେ ସେ ଛାତରୁ ତଳକୁ ଖସିପଡୁଥିବା ସମୟର ପୂରା ଘଟଣା ସିସିଟିଭିରେ କଏଦ ହୋଇଛି। ଯୁବକ ଜଣକ ରାସ୍ତାରେ କେଉଁ ପରିସ୍ଥିତିରେ ଖସି ପଡୁଛନ୍ତି ତାହା ମଧ୍ୟ ଉକ୍ତ ଭିଡିଓରେ ରହିଛି। ତେବେ ସେ ଖସି ପଡିବା ପରେ ତାଙ୍କ ମୁଣ୍ଡ, ଛାତି, ଗୋଡ଼ ମାଡ଼ ହେଉଥିବା ଓ ତାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ରାସ୍ତାକୁ ଦୌଡ଼ି ଆସି ଉଦ୍ଧାର କରୁଥିବା ଦୃଶ୍ୟ ମଧ୍ୟ ଦେଖିବାକୁ ମିଳୁଛି।





## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଖୁଣ୍ଟୁଣୀ,୩।୯(ଡି.ଏନ୍.ଏ.): ଗୁରୁଡ଼ିଝାଟିଆ ଥାନା ମଞ୍ଚେଶ୍ୱର ଗ୍ରାମରୁ ଗୁରୁବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ଏହି ଗ୍ରାମର ଶାନ୍ତନୁ ଦାସ(୩୨)। ପୋଲିସ ନଂ. ୩/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଆସନ୍ତା ରବିବାର ଦିନ ଶାନ୍ତନୁଙ୍କ ବାହାଘର ଥିଲା। ବାହାଘରକୁ ନେଇ ଘରେ ଖୁସିର ପରିବେଶ ଲାଗି ରହିଥିବାବେଳେ ଗୁରୁବାର ସକାଳେ ଏପରି ଦୁଃଖଦ ଘଟଣା ଘଟିଛି।

## ଦେଶଦ୍ରୋହ ମାମଲାରେ ସାଲେପୁରରୁ ଯୁବକ ଗିରଫ

### ପ୍ରଧାନମନ୍ତ୍ରୀ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ବିବାଦୀୟ ମନ୍ତବ୍ୟ ଦେଇ ଭାଇରାଲ କରୁଥିଲେ

ସାଲେପୁର,୩।୯(ଡି.ଏନ୍.ଏ.)

ପ୍ରଧାନମନ୍ତ୍ରୀ ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ସୋସିଆଲ ମିଡିଆରେ ବିବାଦୀୟ ମନ୍ତବ୍ୟ ଦେବା ଅଭିଯୋଗରେ ଗୁରୁବାର ଜଣେ ଯୁବକଙ୍କୁ କଟକ ଜିଲା ସାଲେପୁର ବ୍ଲକରୁ ଗିରଫ କରାଯାଇଛି। ତାଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ ହୋଇଛି। ସେ ହେଲେ ଏହି ବ୍ଲକ୍ କୁସମ୍ବୀ ଗ୍ରାମର ସୟଦ ହସନ ଅହମ୍ମଦ। ଏନେଇ ଉତ୍ତରପ୍ରଦେଶ ବାଗପଥ ଜିଲା ବିଶ୍ୱହିନ୍ଦୁ ପରିଷଦ ଅଧକ୍ଷ କୁଳଦୀପ ପାଞ୍ଚଲ ସିଙ୍ଗାବଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ସେଠାରେ ମାମଲା (ନଂ-୨୦୧/୨୦) ରୁଜୁ ହୋଇଛି। ଏଥିସହ ପୋଲିସ ସୟଦ ହସନଙ୍କ ମୋବାଇଲ ନମ୍ବର ଟ୍ରାକ୍ କରିଥିଲା। ଉତ୍ତରପ୍ରଦେଶରୁ ଏକ ୨ ଜଣିଆ ପୋଲିସ ଟିମ୍ ସାଲେପୁରରେ ପହଞ୍ଚି ସ୍ଥାନୀୟ ପୋଲିସ ସହାୟତାରେ ସୟଦଙ୍କୁ ଗିରଫ କରିଛି। ଅଭିଯୋଗ ଅନୁଯାୟୀ, ସୟଦ ପ୍ରଧାନମନ୍ତ୍ରୀ ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ବ୍ୟତୀତ ସୋସିଆଲ ମିଡିଆରେ ଧର୍ମ, ବିଶ୍ୱହିନ୍ଦୁ ପରିଷଦ, ରାଷ୍ଟ୍ରୀୟ ସ୍ୱୟଂସେବକଙ୍କ ସଂଘ, ବଜରଙ୍ଗଦଳ ଓ ଗୋରକ୍ଷକ ସଂଗଠନ ବିରୋଧରେ ବିଭିନ୍ନ ବିବାଦୀୟ ମନ୍ତବ୍ୟ ଦେଇ ଭାଇରାଲ କରୁଥିଲେ।



ସୟଦ ହସନ ଅହମ୍ମଦ



## ନୂଆ ନିମସାହିରୁ ହଟିଲା କଣ୍ଟେନ୍‌ମେଣ୍ଟ ଜୋନ୍

**କଟକ ଅଫିସ:** କଟକ ମହାନଗର ନିଗମ(ସିଏମ୍‌ସି)ର ୪୨ ନଂ. ୱାର୍ଡ ଅନ୍ତର୍ଗତ ନୂଆ ନିମସାହିରୁ ଉଠିଲା କଣ୍ଟେନମେଣ୍ଟ ଜୋନ୍। ସଂଖ୍ୟାଧିକ ଆକ୍ରାନ୍ତ ଚିହ୍ନଟ ହେବା ପରେ ଉକ୍ତ ଅଞ୍ଚଳକୁ ଅଗଷ୍ଟ ୧୭ ତାରିଖରେ ସିଏମ୍‌ସି କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରିଥିଲା। ଅଧିକାଂଶ ସ୍ଥାନୀୟ ଆକ୍ରାନ୍ତ ଭାବେ ଚିହ୍ନଟ ହୋଇଥିବାରୁ ଜିଲା ପ୍ରଶାସନର ଚିନ୍ତା ବଢ଼ାଇଥିଲା। ତେବେ ୩ ରାଉଣ୍ଡ ଆକ୍ଟିଭ ସର୍ଭିଲାନ୍ସ ଏବଂ କଣ୍ଟାକ୍ଟ ଟ୍ରେସିଂ ପରେ ସମସ୍ତଙ୍କର ରିପୋର୍ଟ ନେଗେଟିଭ ଆସିଥିଲା। କୌଣସି ଗୋଷ୍ଠୀ ସଂକ୍ରମଣ ହୋଇ ନ ଥିବା ସିଏମ୍‌ସି ସ୍ପଷ୍ଟ କରିବା ସହ ଉକ୍ତ ଅଞ୍ଚଳରୁ କଣ୍ଟେନ୍‌ମେଣ୍ଟ ଜୋନ ଉଠାଇ ଦେଇଥିବା ବିଜ୍ଞପ୍ତିରେ ପ୍ରକାଶ ପାଇଛି।



## ସଂକ୍ଷେପରେ

### ଚାରିନଳା ହତ୍ୟା ଘଟଣା: ଆଉ ୨ ଗିରଫ

**ପୁରୀ ଅଫିସ, ୩।୯:** ମୁକୁନ୍ଦ ମିଶ୍ର ନଗରର ଦୀପକ ଖୁଣ୍ଟିଆ ହତ୍ୟା ଘଟଣାରେ ଗୁରୁବାର ସଦର ଥାନା ପୋଲିସ ଆଉ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଗୋପୀନାଥ ରାଉତ ଓରଫ୍ ଟୁକୁଲା ଏବଂ ତାଙ୍କ ମା'। ବୁଧବାର ଏହି ଘଟଣାରେ ଟୁକୁଲାଙ୍କ ସାନଭାଇ ଲୋକନାଥ ରାଉତ ଓରଫ୍ ଦେବୁଲା ଓ ତାଙ୍କ ସାଙ୍ଗ ପ୍ରସନ୍ନ ମଲ୍ଲିକଙ୍କୁ ଗିରଫ କରାଯାଇଥିଲା। ସୂଚନାଯୋଗ୍ୟ, ଗତ ମାସ ୧୮ ତାରିଖ ରାତିରେ ଦୀପକ ଚାରିନଳାଠାରେ କେତେଜଣ ସାଙ୍ଗଙ୍କ ସହ ବସିଥିବାବେଳେ ଖଣ୍ଡିଆବନ୍ଧର ଟୁକୁଲା ପହଞ୍ଚିଥିଲେ। ଟୁକୁଲା ଓ ଦୀପକଙ୍କ ମଧ୍ୟରେ ପୂର୍ବ ବିବାଦକୁ ନେଇ ପାଟିତୁଣ୍ଡ ହୋଇଥିଲା। ଟୁକୁଲା ତାଙ୍କ ସାନଭାଇ ଦେବୁଲାଙ୍କୁ ଖବର ଦେଇଥିଲେ। ଦେବୁଲା ସାଙ୍ଗ ପ୍ରସନ୍ନଙ୍କ ସହ ଖଣ୍ଡା ଧରି ପହଞ୍ଚି ଦୀପକଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ପରେ ଦୁଇଭାଇ ଏବଂ ପ୍ରସନ୍ନ ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଚିକିତ୍ସାଧୀନ ଥିବାବେଳେ ଦୀପକଙ୍କ ମୃତ୍ୟୁ ଘଟିଥିଲା। ଦୁଇ ଭାଇ ତାଙ୍କ ମା'ଙ୍କ ସହଯୋଗରେ ଖଣ୍ଡାକୁ ଲୁଚାଇ ରଖିଥିଲେ। ଏ ନେଇ ଏକ ମାମଲା (ନଂ.୨୩୨/୨୦) ରୁଜୁ ହୋଇଥିଲା।

### ଶିଶୁଭବନରେ ଲାଗିବ ବିଶୋଧନ ମେଶିନ

**କଟକ ଅଫିସ,୩।୯:** କରୋନା ସଂକ୍ରମଣକୁ ନିୟନ୍ତ୍ରଣ ପାଇଁ ସରକାର ବିଶୋଧନ ଓ ବ୍ୟକ୍ତିଗତ ସ୍ୱଚ୍ଛତାକୁ ଗୁରୁତ୍ୱ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ଶିଶୁଭବନରେ କଟକ ମହାନଗର ନିଗମ ପକ୍ଷରୁ ବିଶୋଧନ ମେଶିନ ସ୍ଥାପନ କରାଯିବ। କିଛିଦିନ ହେବ ଶିଶୁଭବନରେ ରୋଗୀ ସମ୍ପର୍କୀୟ, ରୋଗୀ ଓ ହସ୍ପିଟାଲ କର୍ମଚାରୀ ବାରମ୍ବାର ସଂକ୍ରମିତ ହେଉଛନ୍ତି। ତେଣୁ ଏଠାରେ ସଂକ୍ରମଣ ନିୟନ୍ତ୍ରଣ କରିବାକୁ ଗୁରୁବାର ସିଏମ୍‌ସି ପକ୍ଷରୁ ଏକ ଟିମ୍ ଆସି ଅନୁଧ୍ୟାନ କରିବା ପରେ ମେଶିନ ସ୍ଥାପନ ନିମନ୍ତେ ସ୍ଥାନ ନିର୍ଦ୍ଧାରଣ କରିଛନ୍ତି। ଆସନ୍ତା ସପ୍ତାହ ସୁଦ୍ଧା ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ସିଏମ୍‌ସି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

### ପୁରୀ: ୪ ହଜାର ଟପିଲା ଆକ୍ରାନ୍ତଙ୍କ ସଂଖ୍ୟା

**ପୁରୀ ଅଫିସ, ୩।୯:** ପୁରୀ ଜିଲାର କରୋନା ପଜିଟିଭ ସଂଖ୍ୟା ୪ ହଜାର ଟପିଛି। ଗୁରୁବାର ୧୫୭ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହି ନୂଆ ସଂକ୍ରମିତଙ୍କୁ ମିଶାଇ ଜିଲାର ମୋଟ ପଜିଟିଭ ସଂଖ୍ୟା ୪,୦୧୦ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୨୯୮୮ ଜଣ ସୁସ୍ଥ ହୋଇଥିବାବେଳେ ୧୦୦୬ ଜଣ ଚିକିତ୍ସାଧୀନ ଅଛନ୍ତି। ଏପର୍ଯ୍ୟନ୍ତ ଜିଲାରୁ ମୋଟ ୧୩ ଜଣଙ୍କ ମୃତ୍ୟୁ ଘଟିଲାଣି। ଗୁରୁବାର ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ସହରାଞ୍ଚଳରୁ ୪୩ ଏବଂ ଗ୍ରାମାଞ୍ଚଳରୁ ୧୧୪ ଜଣ ରହିଛନ୍ତି। ଏ ପର୍ଯ୍ୟନ୍ତ ଜିଲାରୁ ୬୧,୮୧୭ ଜଣଙ୍କ କୋଭିଡ୍ ଟେଷ୍ଟ କରାଯାଇଛି। ଏଥିମଧ୍ୟରୁ ୪,୦୧୦ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସୁସ୍ଥ ହାର ରହିଛି ୭୪.୫୧ ପ୍ରତିଶତ। ବର୍ତ୍ତମାନ ଜିଲାର ବିଭିନ୍ନ ସ୍ଥାନରେ ୪୬ଟି କଣ୍ଟେନମେଣ୍ଟ ଜୋନ ବଳବତ୍ତର ଥିବାବେଳେ ୧୭୨ଟିକୁ ବନ୍ଦ କରାଯାଇଛି। କଣାସ ବ୍ଲକରେ ସର୍ବାଧିକ ୧୯ଟି କଣ୍ଟେନମେଣ୍ଟ ଜୋନ୍ ବଳବତ୍ତର ରହିଛି।

### ବନ୍ୟା ସ୍ଥିତି ଅନୁଧ୍ୟାନ କଲେ ଏମ୍‌ପି

**ପୁରୁଣା ଭୁବନେଶ୍ୱର,୩।୯:** ଦୟା ନଦୀର ଉଭୟ ପାର୍ଶ୍ୱରେ ରହୁଥିବା ବାସିନ୍ଦାଙ୍କ ମନରୁ ଏବେବି ବନ୍ୟା ଭୟ ଯାଇନାହିଁ। ଏକାମ୍ର ନିର୍ବାଚନ ମଣ୍ଡଳୀର ଡିହପୁର, ଗଙ୍ଗେଶ୍ୱରପୁର, କଲ୍ୟାଣପୁର, ଧଉଳି, ଟିକରପଡ଼ା ଅଞ୍ଚଳରେ ଗୁରୁବାର ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ବନ୍ୟାଜଳରେ ବୁଡ଼ି ରହିଥିବା ଚାଷଜମି ବୁଲି ଦେଖିଥିଲେ। ଏଥିରେ ଭାଜପା ନେତା ବାବୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

### ବଣିଆବନ୍ଧ ଜଙ୍ଗଲରୁ ଦେଶୀମଦ ଜବତ

କଟକ ଅଫିସ,୩।୯- ଆଠଗଡ଼ ସବ୍‌ଡିଭିଜନ ଅନ୍ତର୍ଗତ ଖୁଣ୍ଟୁଣୀର ବିଭିନ୍ନ ଜଙ୍ଗଲରେ ବେଆଇନ ଭାବେ ଦେଶୀମଦ ତିଆରି ଚାଲିଛି। ଏ ନେଇ ଅଭିଯୋଗ ହେବା ପରେ କଟକ ଜିଲା ଅବକାରୀ ବିଭାଗ ପକ୍ଷରୁ ଲଗାତାର ଚଢ଼ାଉ କରାଯାଇ ବିପୁଳ ପରିମାଣର ଦେଶୀମଦ ଜବତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର କଟକ ଜିଲା ଅବକାରୀ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ଅଶୋକ କୁମାର ଶତପଥୀଙ୍କ ନେତୃତ୍ୱରେ ବଣିଆବନ୍ଧ ଜଙ୍ଗଲରେ ଚଢ଼ାଉ କରାଯାଇଥିଲା। ସେଠାରେ ମଦ ତିଆରିରେ ବ୍ୟବହୃତ ୭,୫୦୦ ଲିଟର ଗୁଡ଼ ନଷ୍ଟ କରାଯାଇଥିବାବେଳେ ୬୫୦ ଲିଟର ଦେଶୀମଦ ଜବତ କରାଯାଇଛି। ସେହପରି ଗତ ୧ ତାରିଖରେ ଖୁଣ୍ଟୁଣୀର ତାଲୁଆ ଜଙ୍ଗଲରୁ ୩୬୦ ଲିଟର ଦେଶୀମଦ ଜବତ ହୋଇଥିଲା।

# ହାଡ଼ିଆ ହତ୍ୟାକାଣ୍ଡ: ସମ୍ପର୍କୀୟଙ୍କୁ ସନ୍ଦେହ

- ଚୋରା ମଦ ବେପାରରୁ ମୁଣ୍ଡ ଗଡ଼ିଲା
- ଅଭିଯୁକ୍ତ ଚିହ୍ନଟ ହୋଇଛନ୍ତି: ଡିସିପି

କଟକ ଅଫିସ,୩।୯

ଦୁର୍ଦ୍ଦାନ୍ତ ଅପରାଧୀ ହାଡ଼ିଆ ଓରଫ ପ୍ରକାଶ ବେହେରା ହତ୍ୟା ଘଟଣାରେ ଅଭିଯୁକ୍ତ ଚିହ୍ନଟ ହୋଇ ସାରିଛନ୍ତି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଡିସିପି ପ୍ରତୀକ ସିଂ ଗୁରୁବାର କହିଛନ୍ତି। ଅନ୍ୟପକ୍ଷରେ ହାଡ଼ିଆଙ୍କୁ ହତ୍ୟା କରିବା ପଛରେ ସମ୍ପର୍କୀୟଙ୍କ ସମ୍ପୃକ୍ତି ରହିଛି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ହାଡ଼ିଆଙ୍କ ମଦଦୋକାନ ସିଲ୍ ହେବା ପରେ ସେ ଚୋରାରେ ମଦ କାରବାର କରୁଥିଲେ। ଏଥିରୁ ହିଁ ଶତ୍ରୁତା ସୃଷ୍ଟି ହୋଇଥିଲା। କିଛି ସମ୍ପର୍କୀୟ ହତ୍ୟା କରିବାକୁ ବାରମ୍ବାର ଧମକ ଦେଉଥିଲେ ବୋଲି ପରିବାର ଲୋକେ ବିଡ଼ାନାସୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା(ନଂ.୧୮୯/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ହତ୍ୟା, ଦାଦାବଟି ଆଦାୟ, ବୋମାମାଡ଼, ଗଣ୍ଡଗୋଳ, ଆକ୍ରମଣ ଆଦିଘଟଣାରେ ହାଡ଼ିଆ ସମ୍ପୃକ୍ତ ଥିଲେ। ତାଙ୍କ ଘର କଟକ ଅଲିଶାବଜାର ଭୂତିଆସାହି ଅଞ୍ଚଳରେ ହୋଇଥିବାବେଳେ ସେ ପରିବାର ସହିତ ବିଡ଼ାନାସୀ ଥାନା ଅନ୍ତର୍ଗତ ଶିବାଜୀନଗରରେ ଘର ଭଡ଼ା ନେଇ ରହୁଥିଲେ। ହାଡ଼ିଆଙ୍କ ସ୍ତ୍ରୀ ପୁଷ୍ପଲତା ବେହେରାଙ୍କ କହିବାନୁଯାୟୀ, ବୁଧବାର ହାଡିଆ କେତେଜଣ ସାଙ୍ଗଙ୍କ ସହିତ ବାହାରେ ଥିଲେ। ସନ୍ଧ୍ୟାରେ ହଠାତ୍ ଫୋନ୍ କରି ତାଙ୍କୁ ଭଣଜାମାନେ ହାଣି ପକାଇଲେ ବୋଲି କହିଥିଲେ। ଏହି ଅଭିଯୋଗ ଆଧାରରେ ବିଡ଼ାନାସୀ ପୋଲିସ ତଦନ୍ତ ଆରମ୍ଭ କରିଛି। ତେବେ ୧୫ ଦିନ ତଳେ ଲାଲ୍‌ବାଗ ଥାନାରେ ହାଡ଼ିଆ ଏକ ଅଭିଯୋଗ କରିଥିଲେ। ଭଣଜାମାନଙ୍କ ସହିତ ଗଣ୍ଡଗୋଳ ହୋଇଥିବାରୁ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ। ପରେ ଆପୋସ ବୁଝାମଣା ଦ୍ୱାରା ଘଟଣାର ସମାଧାନ କରାଯାଇଥିଲା। ସମ୍ପର୍କୀୟମାନଙ୍କ ସହିତ ହାଡ଼ିଆଙ୍କର ଶତ୍ରୁତା ଦିନକୁ ଦିନ ବଢୁଥିଲା ବୋଲି ପରିବାର ଲୋକେ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି।

## ସୁରାକ ପାଇଲାନି ସାଇଣ୍ଟିଫିକ୍ ଟିମ୍



ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି।

ବୁଧବାର ରାତି ପ୍ରାୟ ୮ଟାରେ ହାଡ଼ିଆ ଓ ତାଙ୍କର ଜଣେ ସହଯୋଗୀ ସତୀଚଉରା ନିକଟସ୍ଥ ଉପସାର କଲେଜଗଡ଼ା ନିକଟରେ କୌଣସି କାର୍ଯ୍ୟରେ ଯାଉଥିବାବେଳେ ବାଟରେ ୩ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇଥିଲେ। ପୂର୍ବ ଶତ୍ରୁତାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଦୁର୍ବୃତ୍ତମାନେ ବିଭିନ୍ନ ମାରଣାସ୍ତ୍ରରେ ହାଡ଼ିଆ ଓ ତାଙ୍କ ସହଯୋଗୀଙ୍କୁ ଗୋଡାଇ ଗୋଡାଇ ହାଣିଥିଲେ। ଖବରପାଇ ବିଡ଼ାନାସୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଏସ୍‌ସିବି ମେଡ଼ିକାଲ ପଠାଇଥିଲା। ବାଟରେ ହାଡ଼ିଆଙ୍କ ମୃତ୍ୟୁ ଘଟିଥିବା ଥାନାଧିକାରୀ ତିୱାରୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଗୁରୁବାର ହତ୍ୟାକାଣ୍ଡ ସ୍ଥଳରେ ପୋଲିସ ଓ ସନ୍ଧାନୀ କୁକୁର ସହାୟତାରେ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। କେବଳ ରକ୍ତଦାଗ ଛଡ଼ା ଅଭିଯୁକ୍ତଙ୍କ ସମ୍ପର୍କରେ କୌଣସି ସୁରାକ ମିଳିନାହିଁ ବୋଲି ଥାନାଧିକାରୀ ତିୱାରୀ କହିଛନ୍ତି।

## ମଦଦୋକାନ ସିଲ୍ ପରେ ବିବାଦ ବଢ଼ିଥିଲା

ସତୀଚଉରା ନିକଟରେ ହାଡ଼ିଆଙ୍କର ଏକ ବିଦେଶୀ ମଦ ଦୋକାନ ଥିଲା। ଗୋଟିଏ ହତ୍ୟା ଘଟଣା ସହିତ ଅନେକ ଆପରାଧିକ କାର୍ଯ୍ୟକଳାପରେ ସେ ସମ୍ପୃକ୍ତ ଥିଲେ। ଡଗରପଡା ଭୁତିଆସାହିର ଗୋଲକ ପରିଡାଙ୍କ ଘର ଉପରକୁ ସିରିଜ ବୋମାମାଡ ଘଟଣାରେ ଗତବର୍ଷ ଅଗଷ୍ଟ ୨୧ ତାରିଖରେ ଲାଲବାଗ ପୋଲିସ ତାଙ୍କୁ ଗିରଫ କରିଥିଲା। ପରେ ସେହି ମାସ ୨୪ ତାରିଖରେ ତାଙ୍କ ମଦ ଦୋକାନ ସିଲ୍ କରିବାକୁ ନିର୍ଦ୍ଦେଶ ଦେଇଥିଲେ ପୂର୍ବତନ ଡିସିପି ଅଖିଳେଶ୍ୱର ସିଂ। ଜେଲରୁ ଫେରିବା ପରେ ସେ ଶିବାଜୀନଗର ଅଞ୍ଚଳରେ ବାଲି,ଗୋଡ଼ି ବିକ୍ରି ଦୋକାନ ଖୋଲିଥିଲେ। ଏହାପଛ ପଟେ ସେ ଚୋରା ମଦ କାରବାର କରୁଥିଲେ। ଚୋରା ମଦ କାରବାର ହିଁ ହାଡ଼ିଆଙ୍କ ଶତ୍ରୁ ବଢ଼ାଇଥିଲା।

## ଡି-ବ୍ରଦର୍ସ ଗ୍ୟାଙ୍ଗ୍ ଲିଙ୍କ୍‌କୁ ନେଇ ସନ୍ଦେହ

ଧଳସାମନ୍ତ ଭ୍ରାତାଙ୍କ ଡି- ବ୍ରଦର୍ସ ଗ୍ୟାଙ୍ଗ ସହିତ ହାଡ଼ିଆଙ୍କର ସମ୍ପର୍କ ରହିଥିଲା। ଏପରି କି ଧଳସାମନ୍ତ ଭ୍ରାତା ଗିରଫ ହେବାବେଳେ ହାଡ଼ିଆଙ୍କୁ ପୋଲିସ ସାକ୍ଷୀ ଭାବେ କୋର୍ଟରେ ଉପସ୍ଥାପନ କରିଥିଲା। କିଛିଦିନ ପୂର୍ବେ କଟକରେ ଏହି ଗ୍ୟାଙ୍ଗ ପୁନର୍ବାର ସକ୍ରିୟ ହୋଇଥିବା ଜଣାପଡ଼ିଥିଲା। ଏହି ଘଟଣାରେ ମଧ୍ୟ ପୋଲିସ ଦୁଇଜଣଙ୍କୁ ଗିରଫ କରିଥିଲା। ତେବେ ହାଡିଆଙ୍କ ହତ୍ୟା ପଛରେ ଉକ୍ତ ଗ୍ୟାଙ୍ଗର ହାତ ଥାଇପାରେ ବୋଲି ସାଧାରଣରେ ସନ୍ଦେହ କରାଯାଉଛି।

## ଯୁବତୀଙ୍କୁ ଅସଦାଚରଣ ଅଭିଯୋଗ

ପିପିଲି,୩।୯(ସ୍ୱ.ପ୍ର.)

ପିପିଲି ଥାନା ଅଧୀନ ଓରକଳ ପଞ୍ଚାୟତ ଅଞ୍ଚଳର ଜଣେ +୩ ଛାତ୍ରୀଙ୍କୁ ଜଣେ ଯୁବକ ଅସଦାଚରଣ କରିଥିବା ଗୁରୁବାର ଅଭିଯୋଗ ହୋଇଛି। ଯୁବକ ଜଣକ ବାରମ୍ବାର ଏଭଳି କରୁଥିବାରୁ ଅଭିଯୋଗ ସତ୍ତ୍ୱେ ପୋଲିସ ପକ୍ଷରୁ କୌଣସି ସୁରକ୍ଷା ମିଳୁନି। ଯଦି ତାଙ୍କର କିମ୍ବା ତାଙ୍କ ପରିବାରର କୌଣସି କ୍ଷତି ହୁଏ, ତେବେ ପୋଲିସ ଦାୟୀ ରହିବ ବୋଲି ଛାତ୍ରୀ ଜଣକ କହିଛନ୍ତି। ଏପରିକି ଉକ୍ତ ଯୁବକଙ୍କ ଯୋଗୁ ଅଧାରୁ ପାଠ ପଢା ବନ୍ଦ କରିଦେଇଛନ୍ତି ବୋଲି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ୧ବର୍ଷ ତଳେ ସେହି ଅଞ୍ଚଳରେ ଜଣେ ଯୁବକ ଉକ୍ତ ଛାତ୍ରୀଙ୍କୁ ଅସଦାଚରଣ କରିବା ସହ ମାନସିକ ନିର୍ଯାତନା ଦେଉଥିବା ନେଇ ଅଭିଯୋଗ କରିଥିଲେ। ଏହାର ପ୍ରତିବାଦ ପାଇଁ ଅକ୍ଟୋବର ୩୧ରେ ଛାତ୍ରୀଙ୍କର ଭାଇ ଯୁବକଙ୍କୁ ବିରୋଧ କରିବାରୁ ତାଙ୍କୁ ମାଡ଼ ମାରି ହାତ ଆଙ୍ଗୁଠି କାମୁଡ଼ି ଛିଣ୍ଡାଇ ଦେଇଥିଲେ। ଏ ନେଇ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ୭ଦିନପରେ ଜାମିନରେ ଆସି ଛାତ୍ରୀ ଓ ପରିବାର ଲୋକଙ୍କୁ ହତ୍ୟା ଧମକ ଦେଉଛନ୍ତି। ଏ ପର୍ଯ୍ୟନ୍ତ ଯୁବକ ଜଣକ ଛାତ୍ରୀଙ୍କୁ ଧମକ ଦେଇଆସୁଛନ୍ତି। ଅଭିଯୋଗସତ୍ତ୍ୱେ ପୋଲିସ ସୁରକ୍ଷା ଦେଉ ନ ଥିବା ଛାତ୍ରୀ କହିଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ଗୌରାଙ୍ଗଚରଣ ପୃଷ୍ଟି କୁହନ୍ତି, ଘଟଣାର ତଦନ୍ତ ଚାଲିଥିବାବେଳେ ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ।

# କମୁଛି ବନ୍ୟାଜଳ, ବଢୁଛି ବିପନ୍ନଙ୍କ ଦୁର୍ଦ୍ଦଶା



ପାଣିଘେରରେ ଥିବା ଏକ ପଞ୍ଚାୟତ କାର୍ଯ୍ୟାଳୟ।

ନିମାପଡ଼ା,୩।୯(ଡି.ଏନ୍.ଏ.)

କୁଶଭଦ୍ରା, ଭାର୍ଗବୀ, ଧନୁଆଁ ନଦୀରେ ବନ୍ୟାଜଳ କ୍ରମଶଃ କମିବାରେ ଲାଗିଛି। ଏବେ ବିଭିନ୍ନ ନଦୀରେ ବନ୍ୟାଜଳ ବିପଦସଙ୍କେତ ତଳେ ପ୍ରବାହିତ ହେଉଛି। ନଦୀଗୁଡ଼ିକର ବନ୍ୟାଜଳ କମୁଥିବାବେଳେ ନିମାପଡ଼ା ବ୍ଲକର ୧୫ ପଞ୍ଚାୟତର ପାଣି ଘେରରେ ଥିବା ପ୍ରାୟ ୨୫ହଜାର ଲୋକଙ୍କ ଦୁର୍ଦ୍ଦଶା ବଢ଼ିଚାଲିଛି। ଜଳବନ୍ଦୀ ହୋଇ ରହିଥିବା ଗ୍ରାମଗୁଡ଼ିକର ବିଭିନ୍ନ ରାସ୍ତାରେ ଆଣ୍ଠୁଏ ଉପରୁ ପାଣିର ସୁଅ ଛୁଟୁଛି। ବିପନ୍ନମାନେ ଘରୁ ବାହାରକୁ ନ ବାହାରିପାରି ହନ୍ତସନ୍ତ ହେଉଥିବା କମଳା ସେଠୀ, କୁମୁଦିନୀ ପ୍ରଧାନ, ସାବିତ୍ରୀ ସ୍ୱାଇଁ, ଗଗନ ସ୍ୱାଇଁ, ଶରତ ପରିଡ଼ା, ଫକୀର ପରିଡ଼ା ପ୍ରମୁଖ କହିଛନ୍ତି। ଏହାସହ ହଜାର ହଜାର ହେକ୍ଟର ଚାଷଜମି ବନ୍ୟାଜଳରେ ବୁଡ଼ିରହିଛି। ଅନ୍ୟପଟେ ଗୋରୁଙ୍କ ପାଇଁ ବିପନ୍ନମାନେ ଚିନ୍ତା କରୁଥିବାବେଳେ ପ୍ରଶାସନ ପକ୍ଷରୁ ମଧ୍ୟ ଗୋ ଖାଦ୍ୟ ପହଞ୍ଚିପାରି ନାହିଁ। ତେବେ ୧୬ହଜାର ଗୋରୁଙ୍କୁ ଶନିବାରଠାରୁ ଗୋଖାଦ୍ୟ ଯୋଗାଇ ଦିଆଯିବ ବୋଲି ପ୍ରାଣୀ ସମ୍ପଦ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ୧୩ ପଞ୍ଚାୟତର ୧୬ହଜାର ଗୋସମ୍ପଦ, ସାଢ଼େ ୩ହଜାର ଛେଳି, ମେଣ୍ଢା ଆଦି ବନ୍ୟାରେ ପ୍ରଭାବିତ ହୋଇଥିବା ସରକାରୀ ଭାବେ ଜଣାପଡ଼ିଥିବାବେଳେ ବେସରକାରୀ ଭାବେ ୧୫ପଞ୍ଚାୟତର ପ୍ରାୟ ୨୨ହଜାର ଗୋସମ୍ପଦ, ୫ହଜାରରୁ ଊର୍ଦ୍ଧ୍ୱ ଛେଳି, ମେଣ୍ଢା ଆଦି ଗୃହପାଳିତ ପ୍ରାଣୀ ପ୍ରଭାବିତ ହୋଇଥିବା ଜଣାପଡ଼ିଛି। ୩୨ଟନ ଗୋଖାଦ୍ୟ ପାଇଁ ପ୍ରାଣୀ ସମ୍ପଦ ପକ୍ଷରୁ ପ୍ରଶାସନିକ ରିପୋର୍ଟ ଦିଆଯାଇଥିବାବେଳେ ଏବେସୁଦ୍ଧା ୧୪ଟନ ଗୋଖାଦ୍ୟ ନିମାପଡ଼ାରେ ପହଞ୍ଚିଥିବା ଜଣାପଡ଼ିଛି। ଜିଲା ପ୍ରଶାସନ ପକ୍ଷରୁ ପିଡି ନୀତିରଞ୍ଜନ ସେନ, ବିଡିଓ ମନୋଜ କୁମାର ବେହେରା, ତହସିଲଦାର ଚନ୍ଦ୍ରକାନ୍ତ ମଲ୍ଲିକ ପ୍ରମୁଖ ବିଭିନ୍ନ ପଞ୍ଚାୟତର ବନ୍ୟାଞ୍ଚଳ ପରିଦର୍ଶନ କରି ବନ୍ୟା ସ୍ଥିତି, ରିଲିଫ ବଣ୍ଟନ କାର୍ଯ୍ୟ ତଦାରଖ କରୁଛନ୍ତି।

## ବନ୍ୟାଞ୍ଚଳ ବୁଲିଲେ ମନ୍ତ୍ରୀ

ଗୋପ,୩।୯(ଡି.ଏନ୍.ଏ.)

ଗୋପ ବ୍ଲକର ବନ୍ୟାପ୍ଲାବିତ ପଞ୍ଚାୟତଗୁଡ଼ିର କେତେକ ଗ୍ରାମକୁ ଗୁରୁବାର ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ବୁଲି ଦେଖିଛନ୍ତି। ଗଣେଶ୍ୱରପୁର, ରାହାଙ୍ଗଗୋରଡା, ଡଭାର, ନୂଆଖୋଲମରା, ଅଣ୍ଡରା-ଇଚ୍ଛାପୁର ପଞ୍ଚାୟତର ଶତାଧିକ ଗାଁ ଧନୁଆ ନଦୀର ବନ୍ୟାଜଳରେ ଜଳବନ୍ଦୀ ହୋଇଛି। ବୁଧବାର ବ୍ଲକ ପକ୍ଷରୁ କିଛି ଅଞ୍ଚଳରେ ରିଲିଫ ସହ ଡଙ୍ଗା ଦିଆଯାଇଥିବାବେଳେ ଅନ୍ୟ ଅଞ୍ଚଳରେ ଦିଆଯାଇ ନ ଥିବାର ଅଭିଯୋଗ ହୋଇଥିଲା। ରାହଙ୍ଗଗୋରଡା, ଡଭାରର କେତେକ ଗାଁରେ ମନ୍ତ୍ରୀ ଖାଦ୍ୟ ବଣ୍ଟନ କରିଥିଲେ। ମନ୍ତ୍ରୀଙ୍କ ସହ ବିଡିଓ ଦୀପ୍ତି ରାଣୀ ଦାସ, ଅଜୟ ପ୍ରଧାନ, ପ୍ୟାରିମୋହନ ବିଶ୍ୱାଳ, ସୁକାନ୍ତ ମହାନ୍ତି ଉପସ୍ଥିତ ଥିଲେ। ବୁଧବାର ସକାଳେ ଗୋପ ଜଳସମ୍ପଦ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ କେଶରୀ ମହାନ୍ତି ତିନିମୁହାଣି ସ୍ଲୁଇସି ଗେଟକୁ ଖୋଲିଛନ୍ତି। ଜିଲାର ବନ୍ୟା ସ୍ଥିତି ସମ୍ପର୍କରେ ସୂଚନା ଦେଇ ଜିଲାପାଳ ବଲୱନ୍ତ ସିଂ କହିଛନ୍ତି, ଭାର୍ଗବୀ, ଦେବୀ, କୁଶଭଦ୍ରା, ଦେବୀ ଓ ଧନୁଆଁ ନଦୀରେ ୧ ମିଟରରୁ ଅଧିକ ପାଣି କମିଛି। ହେଲେ ଦୟାରେ ପାଣି ପ୍ରାୟ ସ୍ଥିର ରହିଛି। ପୂର୍ଣ୍ଣିମା ପ୍ରଭାବରେ ଚିଲିକା ଜୁଆରିଆ ଥିବାରୁ ପାଣି ଟାଣୁନାହିଁ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦୟାରୁ ପାଣି କମିବା ଆରମ୍ଭ ହେବ।

# ଜାଇକା କାର୍ଯ୍ୟ ମନ୍ଥର ନେଇ ଧାରଣା

କଟକ ଅଫିସ, ୩।୯

ଜାଇକା କାର୍ଯ୍ୟର ମନ୍ଥରତାକୁ ନେଇ ଗୁରୁବାର ମହାନଦୀ ବିହାରସ୍ଥିତ ଜାଇକାର ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ସ୍ୱାଭିମାନ ମଞ୍ଚ ପକ୍ଷରୁ ଧାରଣା ଦିଆଯାଇଥିଲା। ଏଥିସହ ମୁଖ୍ୟଯନ୍ତ୍ରୀ ବସନ୍ତ ସେନାପତିଙ୍କୁ ମଞ୍ଚ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମଞ୍ଚର ସଭାପତି ସାରଦା ଷଡ଼ଙ୍ଗୀଙ୍କ କହିବାନୁଯାୟୀ, କଟକରେ ସ୍ୱେରେଜ ଓ ଡ୍ରେନେଜ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଜାଇକା କାର୍ଯ୍ୟ ହାତକୁ ନେଇଥିଲା। ୨୦୧୬ ଶେଷ ଆଡ଼କୁ ସରିବାକୁ ଥିବା ଏହି ପ୍ରକଳ୍ପ କାମ ଏପର୍ଯ୍ୟନ୍ତ ଶେଷ ହୋଇପାରିନାହିଁ। ସମ୍ପୂର୍ଣ୍ଣ କାମ ଶେଷ କରିବା ପାଇଁ ଧାର୍ଯ୍ୟ ସମୟସୀମା ଇତି ମଧ୍ୟରେ ତିନିଥର ଘୁଞ୍ଚି ସାରିଲାଣି। ପ୍ରକଳ୍ପ ପାଇଁ ଧାର୍ଯ୍ୟ ହୋଇଥିବା ଖର୍ଚ୍ଚ ମଧ୍ୟ ବହୁତ ବଢି ଗଲାଣି। ଜାଇକାର ଅଧାପନ୍ତରିଆ ରାସ୍ତା କାମ ଯୋଗୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଯୁଦ୍ଧକାଳୀନଭିତ୍ତିରେ ବାକି କାମ ସାରିବାକୁ ଜାଇକାର ମୁଖ୍ୟଯନ୍ତ୍ରୀଙ୍କୁ ଦାବିପତ୍ର ମାଧ୍ୟମରେ ଜଣାଇ ଦିଆଯାଇଛି। ତୁରନ୍ତ ଉକ୍ତ କାମରେ ଅଗ୍ରଗତି ଦେଖା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ପଛାଇବୁ ନାହିଁ ବୋଲି ମଞ୍ଚର କର୍ମକର୍ତ୍ତା ଓ ଉପସ୍ଥିତ ଜନସାଧାରଣ କହିଥିଲେ। ଉପଦେଷ୍ଟା ରାକେଶ ସାହୁ, ଦେବାଶିଷ ଘୋଷ, ସଚ୍ଚିଦାନନ୍ଦ ରାଉତ, ଉତ୍ତମ ରାଜ, ପ୍ରଶାନ୍ତ ଦାସ, ସାର୍ଥକ ରାୟ, ଅଜୟ ସିଂହ, ପ୍ରକାଶ ଜେନା କୋଭିଡ-୧୯ ନିୟମ ମାନି ମାସ୍କ ପରିଧାନ କରି ପ୍ରତୀକାତ୍ମକ ଧାରଣା ଦେଇଥିଲେ।

# ଖୋର୍ଦ୍ଧା ଗ୍ରାମାଞ୍ଚଳରେ ୧୩୫ ପଜିଟିଭ୍

**ଖୋର୍ଦ୍ଧା ଅଫିସ,୩।୯:** ଖୋର୍ଦ୍ଧା ଗ୍ରାମାଞ୍ଚଳରେ ଗୁରୁବାର ୧୩୫ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୮୫ଜଣ ସୁସ୍ଥହୋଇ ଘରକୁ ଫେରିଛନ୍ତି। ପଜିଟିଭ୍‌ଙ୍କ ମଧ୍ୟରେ ବାଲିଅନ୍ତା ବ୍ଲକର ୧୨, ବାଲିପାଟଣା ୧୧, ଭୁବନେଶ୍ୱର ବ୍ଲକ ୧୦, ଜଟଣୀ ୧୧, ଖୋର୍ଦ୍ଧା ବ୍ଲକ ୨୧, ବେଗୁନିଆ ୧୩, ବୋଲଗଡ଼ ୨୩, ଟାଙ୍ଗୀ ୧୫, ଚିଲିକା ୧୭ ଏବଂ ବାଣପୁରରୁ ୨ଜଣ ରହିଛନ୍ତି। ଅନ୍ୟପକ୍ଷରେ ଗ୍ରାମାଞ୍ଚଳରେ ମୋଟ୍ ୫୨୪୫ଜଣ ସଂକ୍ରମିତ ହୋଇଥିବା ବେଳେ ୩୫୮୫ଜଣ ସୁସ୍ଥ ହୋଇଛନ୍ତି। ୧୬୩୨ ଆକ୍ଟିଭ କେସ୍ ରହିଥିବା ବେଳେ ୨୮ଜଣଙ୍କ ମୃତ୍ୟୁ ଘଟିଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

# ସହରାଞ୍ଚଳ ଗରିବ ମହିଳାଙ୍କ ପାଇଁ ମା' ପ୍ରକଳ୍ପ

ପୁରୀ ଅଫିସ, ୩।୯

**ପ୍ରତି ମହିଳାଙ୍କୁ ୨ ହଜାର ଟଙ୍କା ସହାୟତା**

ପୁରୀ ସହରରେ ଏଭଳି ଅନେକ ଗରିବ ପରିବାର ରହିଛନ୍ତି, ଯେଉଁ ପରିବାରର ଭରଣ ପୋଷଣ ଜଣେ ମା' ହିଁ ସମ୍ଭାଳୁଛନ୍ତି। ପିଲାଙ୍କ ଖାଇବା ପିଇବା, ପାଠପଢା ଆଦି ସବୁର ବୋଝକୁ ସେ ନିଜ କାନ୍ଧରେ ବୋହୁଛନ୍ତି। ଏଥିପାଇଁ କିଏ ରାସ୍ତା କଡ଼ରେ ପରିବା ବିକୁଛନ୍ତି ତ ଆଉ କେହି ପର ଘରେ ବାସନ ମାଜୁଛନ୍ତି। ପିଲାଙ୍କୁ ମଣିଷ କରିବାର ନିଶାରେ ନିଜର ସୁଖ ସ୍ୱାଚ୍ଛନ୍ଦ୍ୟକୁ ଭୁଲି ମୁଣ୍ଡ ଝାଳ ତୁଣ୍ଡରେ ମାରୁଛନ୍ତି। ଦିନରାତି ପରିଶ୍ରମ କରି ପିଲାଙ୍କ ଆଖିରେ ନିଜ ସ୍ୱପ୍ନ ପୂରଣ କରିବାକୁ ଅହରହ ଉଦ୍ୟମ ଚଳାଇଛନ୍ତି। ଅନେକ ମହିଳା ରୋଜଗାର ପାଇଁ ପର୍ଯ୍ୟଟକଙ୍କ ଉପରେ ନିର୍ଭର କରନ୍ତି। ଅର୍ଥାତ୍ ପୁରୀକୁ ପର୍ଯ୍ୟଟକ ଆସିଲେ ସେମାନେ ଛୋଟ ମୋଟ ବେପାର କରି ପରିବାର ଚଳାଇଥାନ୍ତି। ମାତ୍ର କରୋନା ଏଥିରେ ବାଧକ ସାଜିଛି। ଏହିସବୁ ପରିବାର ଅଧିକ ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି। ସେହି ମା'ମାନଙ୍କୁ ସହାୟତା ପ୍ରଦାନ ଲାଗି ମା' ପ୍ରକଳ୍ପ ଆରମ୍ଭ ହୋଇଛି ବୋଲି ଜିଲାପାଳ ବଲୱନ୍ତ ସିଂ କହିଛନ୍ତି।

ଗୁରୁବାର ଗଣମାଧ୍ୟମକୁ ସୂଚନା ଦେଇ ଜିଲାପାଳ କହିଛନ୍ତି, ସହରାଞ୍ଚଳର ଏହିଭଳି ମା' ମାନଙ୍କୁ ସହାୟତା କରିବା ଲାଗି ଓଏସ୍‌ଡିସି ଚେୟାରମ୍ୟାନ୍ ପୁରୀ ଜିଲାକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ମାଧ୍ୟମରେ ୭ କୋଟି ଟଙ୍କା ଦେଇଛନ୍ତି। ଏଥିପାଇଁ ଜିଲାରୁ ୫ ହଜାର ପରିବାରର ଆବେଦନପତ୍ର ସଂଗ୍ରହ କରାଯାଇଛି। ପ୍ରତ୍ୟେକ ପରିବାରକୁ ୫ ମାସ ପର୍ଯ୍ୟନ୍ତ ମାସିକ ୨ ହଜାର ଟଙ୍କା ଲେଖାଏ ଦିଆଯିବ। ଇତିମଧ୍ୟରେ ସେପ୍ଟେମ୍ବର ମାସର କିସ୍ତି ପ୍ରଦାନ ବୁଧବାରଠାରୁ ଆରମ୍ଭ ହୋଇଛି। ୧୫୦ ମହିଳାଙ୍କ ଆକାଉଣ୍ଟକୁ ୨ ହଜାର ଟଙ୍କା ଲେଖାଏ ଦିଆଯାଇଛି। ସପ୍ତାହକ ମଧ୍ୟରେ ୫ ହଜାର ପରିବାରଙ୍କ ପାଖରେ ଏହି ସହାୟତା ରାଶି ପହଞ୍ଚିବ। ଏହିଭଳି ଏକ କଷ୍ଟକର ସମୟରେ ଏହି ରାଶି ସମ୍ପୃକ୍ତ ମା' ମାନଙ୍କୁ ସହଯୋଗ କରିବ ବୋଲି ଜିଲାପାଳ ଆଶା ପ୍ରକାଶ କରିଛନ୍ତି।

# ବନ୍ୟାକୁ ବଳିଗଲା ପାନୀୟଜଳ ଯନ୍ତ୍ରଣା

ଖୋର୍ଦ୍ଧା ଅଫିସ,୩।୯

ରାଜୁଆ ଓ ଦୟା ନଦୀରେ ବନ୍ୟା ଯୋଗୁ ଖୋର୍ଦ୍ଧା ଜିଲାର ଭୁବନେଶ୍ୱର, ଜଟଣୀ, ବାଲିଅନ୍ତା, ବାଲିପାଟଣା, ଖୋର୍ଦ୍ଧା ଓ ବେଗୁନିଆ ବ୍ଲକ ପ୍ରଭାବିତ ହୋଇଛି। ହଜାର ହଜାର ଏକର ଚାଷଜମି ପାଣିରେ ବୁଡ଼ି ରହିଛି। ଖୋର୍ଦ୍ଧା ବ୍ଲକର ଓରବରସିଂ, ନରଣଗଡ଼ ଓ ବ୍ରଜମୋହନପୁର ପଞ୍ଚାୟତର ୧୫ରୁ ଊର୍ଦ୍ଧ୍ୱ ଗ୍ରାମ ଜଳବନ୍ଦୀ ହୋଇ ରହିଛି। ଏବେବି ଗାଁ ଦାଣ୍ଡରେ ଅଣ୍ଟାଏ ଉଚ୍ଚର ପାଣିସୁଅ ଚାଲିଛି। କିଏ ଛାତ ଉପରେ ଆଶ୍ରୟ ନେଇଛି ତ ଆଉ କିଏ ଉଚ୍ଚ ସ୍ଥାନରେ ରହିଛନ୍ତି। ଜଟଣୀର ତିରିମଲ ନିକଟରେ ଘାଇ ହେବାରୁ ୫୦ରୁ ଊର୍ଦ୍ଧ୍ୱ ଗ୍ରାମ ପ୍ରଭାବିତ ହୋଇଛି। ଏହା ସହ ଖୋର୍ଦ୍ଧା-ପୁରୀକୁ ସଂଯୋଗ ରାସ୍ତା ବିଚ୍ଛିନ୍ନ ହୋଇପଡିଛି। ବିପନ୍ନଙ୍କ ପାଇଁ ରନ୍ଧାଖାଦ୍ୟ ସ୍ୱପ୍ନ ପାଲଟିଥିବା ବେଳେ ପାନୀୟଜଳ ସମସ୍ୟା ବିପନ୍ନଙ୍କ ମୁଣ୍ଡବ୍ୟଥା ବଢ଼ାଇଛି। ବିଶୁଦ୍ଧ ପାଣି ମୁନ୍ଦେ ପାଇବା ଲାଗି ସେମାନେ ଏବେ ଉହଳବିକଳ ହେଉଛନ୍ତି। ପର୍ଯ୍ୟାପ୍ତ ମାତ୍ରାରେ ପାଣିଟ୍ୟାଙ୍କର ଗ୍ରାମକୁ ଆସୁନାହିଁ। ରିଲିଫ ସାମଗ୍ରୀ ଓ ପାଣି ଲାଗି ଏକପ୍ରକାର ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି।



ଖୋର୍ଦ୍ଧା ଅଞ୍ଚଳର ଏକ ଗ୍ରାମରେ ବନ୍ୟାଜଳ ଜମିରହିଛି।

ଖୋର୍ଦ୍ଧା କଂଗ୍ରେସ ପକ୍ଷରୁ ଗୁରୁବାର ବ୍ରଜମୋହନପୁର ପଞ୍ଚାୟତର ଶରଧାପୁର ଗ୍ରାମରେ ରନ୍ଧା ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ନଗର କଂଗ୍ରେସ ସଭାପତି ରଣଜିତ୍ ମହାପାତ୍ର, ଯୁବନେତା ପ୍ଲାବନ ପଟ୍ଟନାୟକ, ଅମିତ୍ ମହାନ୍ତି, ଶୀକକଳାଦିତ୍ୟ ପଟ୍ଟନାୟକ, ଦ୍ୱାରିକା ମହାନ୍ତି, ପ୍ରଦୋଷ ହରିଚନ୍ଦନ, ସ୍ମୃତି ରଞ୍ଜନ ବଳିୟାରସିଂ, ଦେବାଶିଷ ସ୍ୱାଇଁ ଜିତେନ୍ଦ୍ର ଚମ୍ପତି ଛୋଟରାୟ ପ୍ରମୁଖ ସାମିଲ ହୋଇଥିଲେ।

## ୬ବ୍ଲକର ୩୨ଗାଁ ପ୍ରଭାବିତ

ଖୋର୍ଦ୍ଧା ଜିଲାର ୬ବ୍ଲକର ୩୨ଟି ଗ୍ରାମ ପ୍ରଭାବିତ ହୋଇଛି। ୧୦ହଜାର ୬୪୭ଜଣ ପ୍ରଭାବିତ ହୋଇଥିବା ବେଳେ ୧୮୧୦ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ଉଦ୍ଧାର କାର୍ଯ୍ୟରେ ଦୁଇ ଅଗ୍ନିଶମ ସେବା ସଂସ୍ଥା ଟିମ୍ ମୁତୟନ ହୋଇଛନ୍ତି। ଗ୍ରାମବାସୀଙ୍କ ଯାତାୟାତ ଓ ଜରୁରିକାଳୀନ ସ୍ଥିତିରେ ଉଦ୍ଧାର କାର୍ଯ୍ୟ ଲାଗି ୮ଟି ବୋଟ୍‌ର ବ୍ୟବସ୍ଥା କରାଯାଇଛି। ୬ ବ୍ଲକରେ ୭୬୯୪ ହେକ୍ଟର ଚାଷ ଜମି କ୍ଷତିଗ୍ରସ୍ତ ହୋଇଛି। ୫ଟି ମେଡିକାଲ ଟିମ୍ ୮ଟି ସ୍ଥାନରେ ରହି ଚିକିତ୍ସା କରୁଛନ୍ତି। ୮୮୩ ଓଆରଏସ ପ୍ୟାକେଟ୍ ଏବଂ ୪୧୫୦ ହାଲୋଜେନ ଟାବଲେଟ ଦିଆଯାଇଛି। ୫ଟି ପ୍ରାଣୀଧନ ଟିମ୍ ଗୋରୁଙ୍କୁ ଚିକିତ୍ସା କରୁଛନ୍ତି। ବିପନ୍ନଙ୍କୁ ରିଲିଫ ସାମଗ୍ରୀ ଓ ରନ୍ଧାଖାଦ୍ୟ ଦିଆଯାଉଛି ବୋଲି ଜିଲାପାଳ ସନତ୍ କୁମାର ମହାନ୍ତି କହିଛନ୍ତି।

